ପ୍ରଗତିବାଦୀ
PRAGATIVADI
October 17, 2026
Page no:8
epaper.pragativadi.com

ଜିଲ୍ଲାସ୍ତରୀୟ ନବ ସୃଜନ ସଚେତନତା କାର୍ଯ୍ୟକ୍ରମ



■ ବାରିପଦା,ତା୧୬।୧୦ (ପିଏନଏସ) ଜିଲ୍ଲା ଶିଳ୍ପ କେନ୍ଦ୍ର, ଷ୍ଟାର୍ଟଅପ ଓଡ଼ିଶା ଏବଂ ଜିଲ୍ଲା ପ୍ରଶାସନ ମିଳିତ ପ୍ରୟାସରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ସେବା ପ୍ରଥମ ନବ ସୃଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାୟ ମୁଖ୍ୟ ଅତିଥି ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଶ୍ରୀ ଦିନେଶ ଶଙ୍କର ହୋତା ଅରମାସ ର ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, .ଡି.ପି.ସି. ମିଶନ ଶକ୍ତିନିରଞ୍ଜନ ପଣ୍ଡା, ପି.ଏମ. ଲାଇଭଲିହୁଡ ମଧୁସ୍ମିତା ଭୂୟାଁ, ଟି.ଟି. ଆଇ. ଅଧ୍ୟକ୍ଷକାନ୍ଦନ ମାଝୀ, ମୟୂରଭଞ୍ଜ ଚାମ୍ବରଅଫ କମର୍ସର ସଭାପତି ନିରୋଜ କୁମାର ପଣ୍ଡାଏବଂ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଗଠନର ସମ୍ପାଦକ ସୌମ୍ୟରୂପ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାରେ ଯୁବ ନବସୃଜନ ଏବଂ ନୂତନ ଷ୍ଟାର୍ଟଅପ ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟଯୁବପିଢ଼ିଙ୍କ ମୌଳିକ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ସମାଜର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ବାହାର କରାଯାଇପାରିବ ବୋଲି କହିଥିଲେ।

ଓଡ଼ିଶା ସେବା ପ୍ରଥମ ନବ ସୃଜନ ସଚେତନତା କାର୍ଯ୍ୟକ୍ରମ

ଯୁବ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିବା ଉପରେ ଫୋକସ୍

ବାରିପଦା,୧୬।୧୦(ଆପ୍ର): ମୟୂରଭଞ୍ଜ ଜିଲ୍ଲାରେ ଯୁବ ନବ ସୃଜନ ଓ ନୂତନ ଷ୍ଟାର୍ଟଅପ୍ ର ବିକାଶ ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ସେବା ପ୍ରଥମ ନବ ସୃଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର,ଷ୍ଟାର୍ଟଅପ୍ ଓଡ଼ିଶା ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଗୁରୁବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢିଙ୍କ ନୂତନ ଉଦ୍ଭାବନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ସରକାରୀ ସେବା ଏବଂ ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ରହିଥିବା ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।



ଏହି ଅବସରରେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବପିଢିଙ୍କ ନୂତନ ଚିନ୍ତାଧାରା , ନବସୃଜନ ଓ ଉଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ସମସ୍ୟାର ସମାଧାନ ଏବଂ ଜିଲ୍ଲାର ବିକାଶରେ ଯୁବବର୍ଗଙ୍କ ସକ୍ରିୟ ଅଂଶ ଗ୍ରହଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଦିନେଶ ଶଙ୍କର ହୋତା ଅତିଥିଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରମାସ୍ ର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ମିଶନ ଶକ୍ତିର ଡିପିସି ନିରଞ୍ଜନ ପଣ୍ଡା, ପିଏମ୍ ଲାଇଭ୍‌ହୁଡ୍ ମଧୁସ୍ମିତା ଭୂୟାଁ, ତଖତପୁର ଟିଟିଆଇର ଅଧ୍ୟକ୍ଷ କାନ୍ଦନ ମାଝୀ, ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସର ସଭାପତି ନିରୋଜ କୁମାର ପଣ୍ଡା ଏବଂ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଗଠନର ସଂପାଦକ ସୌମ୍ୟରୂପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସହାୟକ ଶିଳ୍ପ ଅଧିକାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।